# ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ନିମନ୍ତେ ସୂଚନା

ଭାରତ ସରକାରଙ୍କ ଦ୍ୱାରା ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇଅଛି ଏବଂ ଏହି ସଂଶୋଧିତ ମୋଟରଯାନ ଆଇନ (**Motor Vehicles (Amendment) Act 2019**)ର ବିଭିନ୍ନ ନିୟମାବଳୀ ତା. ୦୧.୦୯.୨୦୧୯ଠାରୁ ଲାଗୁ କରାଯାଇଅଛି । ଏହି ସଂଶୋଧିତ ଆଇନରେ ଟ୍ରାଫିକ୍ ନିୟମ ଉଲଘଂନକାରୀ ମାନଙ୍କ ପାଇଁ କଠୋର ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି । ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ଦଫାରେ ଆର୍ଥିକ ଜରିମାନା ପରିମାଣ ନିମ୍ନଲିଖିତ ସାରଣୀରେ ପ୍ରଦାନ କରାଗଲା ।

## ଟ୍ରାଫିକ୍ ନିୟମ ଭାଙ୍ଗିଲେ ଜରିମାନା (ଟଙ୍କାରେ)

| ଦଫା | ଆଇନ ଉଲଘଂନର ପ୍ରକାର | ପ୍ରଥମ ଉଲଘଂନ | ଦ୍ୱିତୀୟ ଓ ପରବର୍ତ୍ତୀ ଉଲଘଂନ |
|---|---|---|---|
| 177 | ସାଧାରଣ ନିୟମ ଖିଲାପ | ୫୦୦ | ୧୫୦୦ |
| 177 (A) | ଗାଡ଼ି ଚାଳନା ନିୟମର ଖିଲାପ | ୧୦୦୦ | ୧୦୦୦ |
| 178 | ବିନା ଟିକଟରେ ଯାତ୍ରା | ୫୦୦ | ୫୦୦ |
| 179 (1) | କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅବମାନନା | ୨୦୦୦ | ୨୦୦୦ |
| 179 (2) | ଜାଣିଶୁଣି ସୂଚନା ନ ଦେବା | ୨୦୦୦ | ୨୦୦୦ |
| 180 | ଅଣସ୍ୱୀକୃତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାକୁ ଦେବା | ୫୦୦୦ | ୫୦୦୦ |
| 181 | ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡ଼ି ଚଳାଇବା | ୫୦୦୦ | ୫୦୦୦ |
| 182 (1) | ଡ୍ରାଇଭିଂ ଲାଇସେନ୍ସ ବାତିଲ ବେଳେ ଗାଡ଼ି ଚଳାଇବା | ୧୦,୦୦୦ | ୧୦,୦୦୦ |
| 182 (2) | କଣ୍ଡକ୍ଟର ଲାଇସେନ୍ସ ନଥିବା | ୧୦,୦୦୦ | ୧୦,୦୦୦ |
| 182 (A)(4) | ମାଲିକଙ୍କ ଦ୍ୱାରା ନିୟମ ବହିର୍ଭୂତ ଭାବେ ଗାଡ଼ିରେ ପରିବର୍ତ୍ତନ କରିବା | ୫୦୦୦ | ୫୦୦୦ |
| 183 (i) | ଦ୍ରୁତ ଗତିରେ ହାଲୁକା ମୋଟରଯାନ ଚଳାଇବା | ୨୦୦୦ | ୨୦୦୦ |
| 183 (ii) | ଦ୍ରୁତ ଗତିରେ ମଧ୍ୟମ ଓ ଭାରିଯାନ ଚଳାଇବା | ୪୦୦୦ | ୪୦୦୦ |
| 184 (A) | ରେଡ୍ ଲାଇଟ୍ ଡେଇଁଯିବା | ୫୦୦୦ | ୧୦୦୦୦ |
| 184 (B) | 'ଅଟକିବା ସଙ୍କେତ' ନ ମାନିବା | ୫୦୦୦ | ୧୦୦୦୦ |
| 184 (C) | ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରିବା | ୫୦୦୦ | ୧୦୦୦୦ |
| 184 (D) | ବେଆଇନ ଓଭରଟେକିଂ | ୫୦୦୦ | ୧୦୦୦୦ |
| 184 (E) | ଟ୍ରାଫିକ୍‌ର ବିପରୀତ ଦିଗରେ ଗାଡ଼ି ଚଳାଇବା | ୫୦୦୦ | ୧୦୦୦୦ |
| 184 (F) | ବିପଜ୍ଜନକ ଗାଡ଼ିଚାଳନା | ୫୦୦୦ | ୧୦୦୦୦ |
| 185 | ନିଶାସେବନ କରି ଗାଡ଼ି ଚଳାଇବା | ୧୦୦୦୦ | ୧୫୦୦୦ |
| 187 | ଦୁର୍ଘଟଣା ଘଟାଇବା | ୫୦୦୦ | ୧୦୦୦୦ |
| 189 | ବିନା ଅନୁମତିରେ ରେସିଂ ଓ ପରୀକ୍ଷଣ କରିବା | ୫୦୦୦ | ୧୦୦୦୦ |
| 190 (1)(A) | ଅସୁରକ୍ଷିତ ଗାଡ଼ିକୁ ଚଳାଇବା | ୧୫୦୦ | ୧୫୦୦ |
| 190 (2) | ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ | ୧୦୦୦୦ | ୧୦୦୦୦ |
| 190 (3) | ବେନିୟମ ଭାବେ ବିପଦପୂର୍ଣ୍ଣ ସାମଗ୍ରୀ ପରିବହନ କରିବା | ୧୦୦୦୦ | ୨୦୦୦୦ |
| 192 | ବୈଧ ରେଜିଷ୍ଟ୍ରେସନ ଓ ଫିଟ୍‌ନେସ୍ ପ୍ରମାଣପତ୍ର ବିନା ଗାଡ଼ି ଚଳାଇବା ଏବଂ ମାଲ୍‌ଗାଡ଼ିରେ ଯାତ୍ରୀ ପରିବହନ କରିବା | ୫୦୦୦ | ୧୦୦୦୦ |
| 192 (A) | ପରମିଟ୍ ନଥାଇ କିମ୍ବା ପରମିଟ୍ ନିୟମ ଖିଲାପକରି ଗାଡ଼ି ଚଳାଇବା | ୧୦୦୦୦ | ୧୦୦୦୦ |
| 194 (1) | ମାଲବାହୀ ଗାଡ଼ିରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ମାଲ ପରିବହନ କରିବା | ୨୦୦୦୦ (ଅତିରିକ୍ତ ଟନ୍ ପିଛା ୨୦୦୦) | |
| 194 (1)(A) | ଯାନର ଉଭୟ ପାର୍ଶ୍ୱ, ଆଗ ଓ ପଛ ପାର୍ଶ୍ୱ ଏବଂ ଉଚ୍ଚତାର ଧାର୍ଯ୍ୟ ସୀମା ବାହାରେ ମାଲ ପରିବହନ କରିବା | ୨୦୦୦୦ | ୨୦୦୦୦ |
| 194 (A) | ବାଣିଜ୍ୟିକ ଯାନରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରିବା | ପ୍ରତି ଅଧିକ ଯାତ୍ରୀ ପିଛା ୨୦୦ | |
| 194 (B)(1) | ଚାଳକ ଓ ଯାତ୍ରୀ ସିଟ୍ ବେଲ୍ଟ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (B)(2) | ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ଗାଡ଼ିରେ ନେବା | ୧୦୦୦ | ୧୦୦୦ |
| 194 (C) | ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଯାତ୍ରା କରିବା | ୧୦୦୦ | ୧୦୦୦ |
| 194 (D) | ଦୁଇଚକିଆ ଯାନରେ ଚାଳକ ଓ ସହଯାତ୍ରୀ ହେଲ୍‌ମେଟ୍ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (E) | ଜରୁରିକାଳୀନ ଗାଡ଼ିକୁ ବାଟ ନ ଦେବା | ୧୦୦୦୦ | ୧୦୦୦୦ |
| 194 (F)(A) | ଅନାବଶ୍ୟକ ଭାବେ, ଲଗାତର ଭାବେ ଓ ନିଷିଦ୍ଧାଞ୍ଚଳରେ ହର୍ଣ୍ଣ ବଜାଇବା | ୧୦୦୦ | ୨୦୦୦ |
| 194 (F)(B) | ମୋଟରଯାନର ସାଇଲେନ୍ସରକୁ ବିକୃତ କରିବା | ୧୦୦୦ | ୨୦୦୦ |
| 196 | ବିନା ଇନ୍‌ସ୍ୟୁରାନ୍ସରେ ଗାଡ଼ି ଚଳାଇବା | ୨୦୦୦ | ୪୦୦୦ |
| 199 (A)(2) | କିଶୋର ବୟସ (ଜୁଭେନାଇଲ୍) ରେ ଗାଡ଼ି ଚଳାଇବା | ୨୫୦୦୦ | ୨୫୦୦୦ |

ଆଇନ ଉଲଘଂନକାରୀ ମାନଙ୍କୁ ଧରିବା ନିମନ୍ତେ ରାଜ୍ୟ ପୁଲିସ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କୁ ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ନିମନ୍ତେ ଅନୁରୋଧ କରାଯାଉଅଛି ।

**ଆସନ୍ତୁ ଓଡ଼ିଶାକୁ ଏକ ସଡ଼କ ଦୁର୍ଘଟଣା ମୁକ୍ତ ରାଜ୍ୟରେ ପରିଣତ କରିବା ।**

**ପରିବହନ କମିଶନର, ଓଡ଼ିଶା**

ODISHA ROAD SAFETY SOCIETY

## ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି